

"ମୃତ୍ୟୁକୁ ଶାସ୍ତି ବୋଲି କୁହାଯାଇଥାଏ, କିନ୍ତୁ କେତେଜଣ ଲୋକଙ୍କ ପାଇଁ ଏହା ଦୟା।"
- ସେନେକା

# ବିଘ୍ନ ହରିବାକୁ ମଣ୍ଡପରେ ବିଘ୍ନବିନାଶନ



ସୁନାବେଡ଼ା



ସେମିଳିଗୁଡ଼ା ଅଟୋ ସଂଘ



ଜୟପୁର ସାମନ୍ତସାହି



ବୈପାରୀଗୁଡ଼ା



ଦାମନଯୋଡ଼ିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର



କୋରାପୁଟ ମେଡିକାଲ



ପଟ୍ଟାଙ୍ଗୀ ଉପରସାହି

■ ସାନକାଉଡ଼ିରେ ଅଭିନବ ପରମ୍ପରା

## ଆବାହନ କଲେ ବୈରାଗୀ ସମ୍ପ୍ରଦାୟର ପୂଜକ

ଜୟପୁର,(ଡି.ଏନ୍.ଏ.)

କୋରାପୁଟ ଜିଲା ଆଦିବାସୀ ଆଦିମ ଏବଂ ସେମାନଙ୍କ ପୂଜାର୍ଚ୍ଚନା ନିଷ୍ଠା ଓ ଭକ୍ତିର ସହ ହୁଏ। ଜୟପୁର ବ୍ଲକ ରଣ୍ଡାପାଲୀ ପଞ୍ଚାୟତ ସାନକାଉଡ଼ିରେ ଆଦିବାସୀ ପରମ୍ପରା ଏବଂ ଆଦିବାସୀ ପୂଜକଙ୍କ ଦ୍ୱାରା ଗଣେଶଙ୍କ ଆବାହନର ଅଭିନବ ପରମ୍ପରା ରହିଛି। ପୂଜକ ଭାବେ ଛର୍ତଲା ଗ୍ରାମର ବୈରାଗୀ ସମ୍ପ୍ରଦାୟର ପୂଜକ ମାଧବ ଦାସ ଗୁରୁବାର ଗଣପତିଙ୍କ ପୂଜାର୍ଚ୍ଚନା କରିଥିଲେ। ହିନ୍ଦୁ ଧର୍ମର ସମସ୍ତ ସମ୍ପ୍ରଦାୟ ଦ୍ୱାରା ପୂଜା ସମ୍ପାଦିତ ହୋଇପାରିବ। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଏହାକୁ ପ୍ରୋତ୍ସାହନ ଦିଆଯିବ ବୋଲି ଜିଲା ବ୍ରାହ୍ମଣ ସମାଜର ଯୁବ ସଂଗଠନର ମୁଖ୍ୟ ନବକୃଷ୍ଣ ରଥ କହିଛନ୍ତି। ସେହିପରି ଜୟପୁର ସହରର ସରକାରୀ ଉଚ୍ଚ ବିଦ୍ୟାଳୟ, ପୌର ବାଳିକା ଉଚ୍ଚବିଦ୍ୟାଳୟ, ଶାରଦା ବିହାର ଓ ଅରବିନ୍ଦ ନଗର ସରସ୍ୱତୀ ବିଦ୍ୟାମନ୍ଦିର, ବିକ୍ରମଦେବ ମହାବିଦ୍ୟାଳୟ, ରଥପଡିଆ, ଦୈନିକ ବଜାର, ତାରିଣୀ ଛକ, ପରିଚ୍ଛା ସାହି, ଦୈନିକ ବଜାର, ସୁନାରୀ ସାହି, ମାଦଳା ସାହି, ତହସିଲ କାର୍ଯ୍ୟାଳୟ ଛକ, ୱେଲକମ ଛକ, ସୌରା ସାହି, ନୂଆ ସାହି, ଇରିଗେସନ କଲୋନୀ, ପ୍ରସାଦରାଓ ପେଟା, ସମ୍ବାର ତୋଟା, ଭୂପତି ସାହି, କୁମ୍ଭାର ସାହି, ଗାନ୍ଧୀ ଛକଠାରେ ପୂଜା ପାଉଛନ୍ତି ଗଣପତି।



ସାନକାଉଡିରେ ଗଣେଶ ପୂଜା।

## ଗଣେଶୋତ୍ସବରେ ମଜ୍ଜିଲେ ଜିଲାବାସୀ

କୋରାପୁଟ,୧୩।୯(ସ୍ୱ.ପ୍ର.)

ଗଣେଶ ଚତୁର୍ଥୀ ପାଇଁ ଗୁରୁବାର କୋରାପୁଟ ସହର ସମେତ ସମଗ୍ର ଜିଲାରେ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଛି। ଚଳିତ ବର୍ଷ କୋରାପୁଟ ସହରରେ ୩୫ଟି ପୂଜା କମିଟି ଗଣେଶୋତ୍ସବ ପାଳନ କରୁଛନ୍ତି। ସହରର ମାଳିସାହି, ପୂଜାରିପୁଟ, ବିଶ୍ୱାଳ କଲୋନୀ, ପୋଷ୍ଟ ଅଫିସ ଲେନ୍, କୋରାପୁଟ ମୁଖ୍ୟ ଚିକିତ୍ସାଳୟ, ପୁଟିଲା ସାହି, ଟିକିରା ସାହି, ବାରିକ ସାହି, ପରଜା ସାହି, ବିଶ୍ୱାମିତ୍ର କଲୋନି, ପିଏଚ୍ଡି କଲୋନି, ରଥଶର୍ମା କଲୋନି, ଓଏମ୍ପି ସମେତ ସରସ୍ୱତୀ ଶିଶୁ ମନ୍ଦିର, ସେଣ୍ଟସ ସ୍କୁଲ, ରାଇଜିଂ ସନ, ଟ୍ୱିଙ୍କଲ ଷ୍ଟାର, ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ, ବନଭାରତି ବିଦ୍ୟାଳୟ, ଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାଳୟ, ଏକ୍ସବୋର୍ଡ ସ୍କୁଲ, ପୋଲିସ ଉଚ୍ଚ ବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ଲାଣ୍ଡିଗୁଡ଼ାସ୍ଥିତ ସରକାରୀ ମହାବିଦ୍ୟାଳୟରେ ବିଘ୍ନନାଶକଙ୍କ ଆବାହନ କରାଯାଇଛି।

■ ଗଣେଶଙ୍କୁ ଗୁହାରି କଲେ ଛାତ୍ରୀଛାତ୍ର

## 'ଶିକ୍ଷକଙ୍କୁ ସ୍କୁଲକୁ ଫେରାଇଆଣ ପ୍ରଭୁ'

କୋରାପୁଟ,୧୩।୯(ସ୍ୱ.ପ୍ର.)

ଆନ୍ଦୋଳନରତ ଶିକ୍ଷକ ଶୀଘ୍ର ନିଜ ବିଦ୍ୟାଳୟକୁ ଫେରିଆସନ୍ତୁ। ଗଣେଶ ପୂଜା ଅବସରରେ ଗୁରୁବାର ଛାତ୍ରୀଛାତ୍ର ଏଭଳି ପ୍ରାର୍ଥନା କରିଛନ୍ତି। କୋରାପୁଟର ସୁନାପୁରସ୍ଥିତ ଶହୀଦ ରାଜୀବ ଗାନ୍ଧୀ ଉଚ୍ଚବିଦ୍ୟାଳୟର ଛାତ୍ରୀଛାତ୍ର ନିଜ ଶିକ୍ଷକଙ୍କ ଫେରିବା ବାଟକୁ ଚାହିଁ ରହିଛନ୍ତି। ସେମାନେ ଫେରିଲେ ପୂର୍ବଭଳି ଶିକ୍ଷାଦାନ ଆରମ୍ଭ ହେବ। କାରଣ ଶିକ୍ଷକମାନେ ଆନ୍ଦୋଳନରେ ଥିବାରୁ ପାଠପଢ଼ା ବ୍ୟାହତ ହେବା ସହ ଦଶମ ଶ୍ରେଣୀର ଛାତ୍ରୀଛାତ୍ର କିପରି ପରୀକ୍ଷା ଦେବେ, ସେଇ ଚିନ୍ତା ଘାରିଛି। ଗଣେଶ ପୂଜା ପାଳନ ହେଉଥିଲେ ମଧ୍ୟ ସେଥିରେ ଆଗଭଳି ଆନନ୍ଦ ନାହିଁ। ପିଲାଙ୍କ କେବଳ ଗୋଟିଏ ପ୍ରାର୍ଥନା, ସରକାର ଶିକ୍ଷକମାନଙ୍କ ଦାବି ମାନି ନିଅନ୍ତୁ। ଏହା ସହ ଶିକ୍ଷକମାନେ ଖୁବ ଶୀଘ୍ର ବିଦ୍ୟାଳୟକୁ ଫେରି ଆସନ୍ତୁ।



କୋରାପୁଟ ସେଣ୍ଟ୍ସ ସ୍କୁଲ



ଲମତାପୁଟ



କୋଲାବନଗର

## ବାରମ୍ବାର ଦୁର୍ଘଟଣା ଘଟାଉଛି କମ୍ପାନି ଟ୍ରକ୍

■ ୨ ଦିନରେ ଘଟିଲାଣି ୨ ଦୁର୍ଘଟଣା

ଲକ୍ଷ୍ମୀପୁର,୧୩।୯

ଲକ୍ଷ୍ମୀପୁର ବ୍ଲକ କୋଡିଙ୍ଗାମାଳିରୁ ବକ୍ସାଇଟ୍ ଯୋଗାଣ ପାଇଁ କାକିରିଗୁମ୍ମା ଷ୍ଟେସନଠାରେ ଦାୟିତ୍ୱରେ ଥିବା ମୈତ୍ରୀ କମ୍ପାନୀର ୨ ଶହରୁ ଊର୍ଦ୍ଧ୍ୱ ଟ୍ରକ ପ୍ରତିଦିନ କାକିରିଗୁମ୍ମା ମାରବାଇଗୁଡ଼ା ଛକ ପର୍ଯ୍ୟନ୍ତ ମୁଖ୍ୟରାସ୍ତା ଦେଇ ମାଲ ପରିବହନ କରୁଛି। ତେବେ ଟ୍ରକ ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁ ଗତ ୨ ଦିନରେ ଦୁଇଟି ଦୁର୍ଘଟଣା ଘଟିଲାଣି। ଗୁରୁବାର ତୟାପୁଟ ପଞ୍ଚାୟତ ଟିମାଖୋଲା ଛକ ନିକଟରେ ଏକ ବୋଲେରୋ (ଓଡି ୧୦ ୧୫୬୭)କୁ ଏକ ହାଇୱା (ଓଡି ୧୮ଇ ୨୧୭୦) ଧକ୍କା ଦେବା ଫଳରେ ବୋଲେରୋରେ ଥିବା ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ସେଠାରେ କିଛି ସମୟ ପର୍ଯ୍ୟନ୍ତ ଗାଡ଼ି ଚଳାଚଳ ବନ୍ଦ ଥିଲା। ସ୍ଥାନୀୟ ଲୋକେ କମ୍ପାନୀ ଗାଡିକୁ ଅଟକାଇ ଥିଲେ। ସେହିଭଳି ତୟାପୁଟ ପଞ୍ଚାୟତ ଡୁମୁରିପଦର ଯାତ୍ରୀ ବିଶ୍ରାମାଗାର ନିକଟରେ ବୁଧବାର ଏକ ବାଇକ୍କୁ ହାଇୱା ଧକ୍କା ଦେଇଥିଲା। କମ୍ପାନୀ ଗାଡ଼ି ବାରମ୍ବାର ଦୁର୍ଘଟଣା ଘଟାଉଥିଲେ ମଧ୍ୟ କମ୍ପାନୀ ବିକଳ୍ପ ବ୍ୟବସ୍ଥା କରୁନାହିଁ। ପ୍ରଶାସନକୁ ବାରମ୍ବାର ଅବଗତ କଲେ ମଧ୍ୟ ସେମାନେ ମଧ୍ୟ କୌଣସି ପଦକ୍ଷେପ ନେଉନାହାନ୍ତି।

■ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଆଲୋଚନାଚକ୍ର

## 'ଜୀବନକୁ ଗଢ଼ିବା ପାଇଁ ଉପଯୁକ୍ତ ପାଠ୍ୟକ୍ରମ ଜରୁରୀ'

କୋରାପୁଟ,୧୩।୯(ସ୍ୱ.ପ୍ର.)

କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶାର ଶିକ୍ଷା ବିଭାଗ ଦ୍ୱାରା ସୁନାବେଡ଼ାସ୍ଥିତ କ୍ୟାମ୍ପସରେ ଅନ୍ତର୍ରାଷ୍ଟ୍ରୀୟ ସ୍ନାତକ ପାଠ୍ୟକ୍ରମରେ ଜ୍ଞାନ ଓ ଆଧାରକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ମୁଖ୍ୟ ଅତିଥି ଭାବେ ଏହାର ଶୁଭାରମ୍ଭ କରିବା ସହ ଛାତ୍ରୀଛାତ୍ର ଜୀବନକୁ ଗଢ଼ିବା ପାଇଁ ଉପଯୁକ୍ତ ପାଠ୍ୟକ୍ରମର ଆବଶ୍ୟକ ବୋଲି କହିଥିଲେ। ମୁଖ୍ୟବକ୍ତା ପ୍ରଫେସର ସୁରେନ୍ଦ୍ର ସିଂ ଚୌହ୍ୱାନ ପାଠ୍ୟକ୍ରମର ଉପକାରିତା ଓ ଅପକାରିତା, ଶିକ୍ଷଣୀୟ ଓ ବୌଦ୍ଧିକ ତଥା ଭାବନାତ୍ମକ ସମୃଦ୍ଧି ଦୃଷ୍ଟିରୁ ଅନ୍ତର୍ରାଷ୍ଟ୍ରୀୟ ପାଠ୍ୟକ୍ରମ ଅତି ଉଚ୍ଚମାନର ବୋଲି ମତ ରଖିଥିଲେ। ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗ ଭାରପ୍ରାପ୍ତ ମୁଖ୍ୟ ଡ. ରମେନ୍ଦ୍ର ପାଢ଼ୀ ସ୍ୱାଗତ ଭାଷଣ ରଖିବା ସହ ବିଭାଗ ପକ୍ଷରୁ ଉଚ୍ଚଶିକ୍ଷା ସମ୍ବନ୍ଧୀୟ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ଛାତ୍ରୀ ସୁଶ୍ରୀ ଭେବୁଲିନା ଓ ଛାତ୍ର ଅମିତ ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

## ଭି.ଏସ୍ ବିଦ୍ୟାଳୟରେ କ୍ୟାରିୟର କାଉନ୍ସେଲିଂ କାର୍ଯ୍ୟକ୍ରମ

ସେମିଳିଗୁଡ଼ା,୧୩।୯(ସ୍ୱ.ପ୍ର.)

ସୁନାବେଡ଼ା ହାଲ୍ସ୍ଥିତ ଭି.ଏସ୍ ବିଦ୍ୟାଳୟରେ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ହେମନ୍ତ ସେଠ୍ ସଭାପତିତ୍ୱ କରିଥିବାବେଳେ ବିଦ୍ୟାଳୟର ପୂର୍ବତନ ଛାତ୍ର 'ଇ' ମାର୍କେଟ ଏଜୁକେଶନ୍ ସଂସ୍ଥାର ସିଇଓ ରଞ୍ଜନ ଜେନା ବିଶେଷଜ୍ଞ ଭାବେ ଯୋଗଦେଇ ଦ୍ୱାଦଶ ଶ୍ରେଣୀ ପାସ୍ ପରେ ଛାତ୍ରୀଛାତ୍ରଙ୍କ ପାଇଁ କର୍ମନିଯୁକ୍ତି ଭିତ୍ତିକ ପାଠ୍ୟକ୍ରମ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଶେଖ୍-ଇବ୍ରାହିମ୍, ସନ୍ଦୀପ ପଟ୍ଟନାୟକ, ସରୋଜ ପଟେଲ, କୃଷ୍ଣ ମହାନ୍ତି ଏବଂ ଚନ୍ଦ୍ରଶେଖର ମଲ୍ଲିକ ଉପସ୍ଥିତ ଥିଲେ।

## ତୁରନ୍ତ ଉଚ୍ଛେଦ ପାଇଁ ଦାବି ତେଜିଲା

ଜୟପୁର,୧୩।୯(ଡି.ଏନ୍.ଏ.)

ଜୟପୁରସ୍ଥିତ ଇରିଗେସନ କଲୋନୀରେ ଜବରଦଖଲରେ ଥିବା ବିଭାଗୀୟ ବାସଗୃହକୁ ଉଚ୍ଛେଦ କରିବେ ପ୍ରଶାସନ । ସେହିପରି ଏହି ବାସଗୃହକୁ ନୂତନ ଭାବେ ସ୍ଥାନାନ୍ତରିତ ଜିଲା ଚିକିତ୍ସାଳୟର ଡାକ୍ତର ଓ କର୍ମଚାରୀଙ୍କ ରହିବା ବ୍ୟବସ୍ଥା କରାଯିବ। ଏନେଇ 'ଧରିତ୍ରୀ'ରେ 'ସରକାରୀ ଘରୁ ଉଚ୍ଛେଦ ହେଉ ଜବରଦଖଲ' ଖବର ଗତ ଅଗଷ୍ଟ ୨୦ରେ ପ୍ରକାଶ ପାଇବା ସହ ଏହାକୁ ନୂତନ ଜିଲା ଚିକିତ୍ସାଳୟର ଡାକ୍ତର ଓ କର୍ମଚାରୀଙ୍କୁ ପ୍ରଦାନ କରିବା ପାଇଁ ମଧ୍ୟ ଏକ ଖବର ପ୍ରକାଶିତ ହୋଇଥିଲା। ଏନେଇ ଜିଲାପାଳ ଇରିଗେସନ ବିଭାଗକୁ ଜବରଦଖଲରେ ରହିଥିବା ସରକାରୀ ବାସଗୃହର ତଥ୍ୟ ମାଗିବା ସହ ଉପଜିଲାପାଳଙ୍କୁ ରାଜ୍ୟ ସରକାରୀ ସମ୍ପତ୍ତି ଜବରଦଖଲ ଆଇନ ଅନୁଯାୟୀ ଉଚ୍ଛେଦ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଇତି ମଧ୍ୟରେ ଜିଲା ଚିକିତ୍ସାଳୟ କାର୍ଯ୍ୟକାରୀ ହେବା ସହ ପ୍ରାୟ ୧୮ ଜଣ ଡାକ୍ତର ଏବଂ ୫୦ ଜଣ ଅନ୍ୟ କର୍ମଚାରୀ ଯୋଗ ଦେଇଛନ୍ତି। କିନ୍ତୁ ଆବଶ୍ୟକ ସରକାରୀ ଗୃହ ନଥିବା ଯୋଗୁଁ କେତେଜଣ ବାହାରେ ଭଡ଼ାରେ ଏବଂ କେତେଜଣ ସରକାରୀ ବଙ୍ଗଳାରେ ରହୁଛନ୍ତି । ତେଣୁ ଜବରଦଖଲକାରୀଙ୍କ ତୁରନ୍ତ ଉଚ୍ଛେଦ କରିବା ସହ ଚିକିତ୍ସାଳୟର କର୍ମଚାରୀଙ୍କୁ ଏହା ହସ୍ତାନ୍ତର କରିବା ପାଇଁ ସାଧାରଣରେ ଦାବି ହୋଇଛି। ଚିକିତ୍ସାଳୟ କର୍ମଚାରୀଙ୍କ ପାଇଁ ୪୦ଟି ବାସଗୃହ ପ୍ରଥମ ପର୍ଯ୍ୟାୟରେ ଆବଶ୍ୟକ କରୁଥିବା ବେଳେ ଜିଲା ପ୍ରଶାସନ ଇରିଗେସନ ବିଭାଗକୁ ଏହା ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ବିଭାଗର ବ୍ୟବହୃତ ହେଉଥିବା ୩୧୫ଟି ବାସଗୃହ ମଧ୍ୟରୁ ୧୪ଟି ଖାଲି ରହିଥିବା ବେଳେ ୮୭ଟି ଜବରଦଖଲକାରୀଙ୍କ ଦଖଲରେ ରହିଛି। କେବଳ ୨୧୪ଟିରେ ବିଭାଗୀୟ କର୍ମଚାରୀ ରହୁଛନ୍ତି ।

**ଇରିଗେସନ ବିଭାଗ ବାସଗୃହରେ ଜବରଦଖଲ**


ଡାବୁଗାଁ ବସଷ୍ଟାଣ୍ଡ


ନବରଙ୍ଗପୁର ସହର ଗାନ୍ଧୀନଗର ପୂଜାମଣ୍ଡପ


ପାପଡାହାଣ୍ଡି ପାଇକ ସାହି


ପାପଡାହାଣ୍ଡି ବସ୍‌ଷ୍ଟାଣ୍ଡ ଛକ

# ବିଘ୍ନ ବିନାଶନଙ୍କୁ ଆବାହନ


ନବରଙ୍ଗପୁର ନୂଆବନ୍ଧସାହି ପୂଜା ମଣ୍ଡପ


ରାଇଘର


ପାପଡାହାଣ୍ଡି ନ୍ୟୁ ଷ୍ଟ୍ରିଟ୍।


ନବରଙ୍ଗପୁର ସହର ମହାବୀର ଯୁବକ ସଂଘ ।


ଉମରକୋଟଠାରେ ପୂଜା ପାଉଥିବା ଗଣେଶ ମୂର୍ତ୍ତି।


ଝରିଗାଁ ପାଣିନାଳ ସାହିରେ ହୋଇଥିବା ଗଣେଶ ପୂଜା।


ଝରିଗାଁ ମଝିସାହିରେ ହୋଇଥିବା ଗଣେଶ ପୂଜା।


ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ହୋଇଥିବା ଗଣେଶ ପୂଜା।


ନବରଙ୍ଗପୁର ସହର ସଞ୍ଜୟ ଦୈନିକ ବଜାର।

## ଦୁର୍ଘଟଣାରେ ୨ଗୁରୁତର

**ପାପଡାହାଣ୍ଡି/ଝରିଗାଁ,୧୩।୯(ଡି.ଏନ.ଏ/ସ୍ୱ.ପ୍ର.):** ନବରଙ୍ଗପୁର ଜିଲା ପାପଡାହାଣ୍ଡି ଝାଡେଶ୍ୱର ମନ୍ଦିରର ପୂଜକ ମହେଶ୍ୱର ପୂଜାରୀ ଗୁରୁବାର ଏକ କାର ଧକ୍କାରେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମହେଶ୍ୱର ସନ୍ଧ୍ୟାରେ ରାସ୍ତା ପାର ହେବା ସମୟରେ ଦ୍ରୁତ ଗତିରେ କଳାହାଣ୍ଡି ପଟକୁ ଆସୁଥିବା ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। କାରକୁ ସ୍ଥାନୀୟ ଲୋକେ ଅଟକ ରଖି ପୋଲିସ ଜିମା ଦେଇଛନ୍ତି। ସେହିପରି ଚନ୍ଦାହାଣ୍ଡି ଘାଟିରେ ଗୁରୁବାର ଭାରସାମ୍ୟ ହରାଇ ଏକ ଅଟୋ(ନଂ.ଓଡି୨୪ସି-୧୭୩୨) ଓଲଟି ପଡିବାରୁ ଜଣେ ଗୁରୁତର ହୋଇଛନ୍ତି। ଦୁର୍ଘଟଣା ପରେ ଅଟୋ ଚାଳକଙ୍କ ସହ ଅନ୍ୟ ଜଣେ ଘଟଣା ସ୍ଥଳରୁ ଦୌଡି ପଳାଇଥିଲେ। ସେହି ରାସ୍ତାରେ ଯାଉଥିବା ଝରିଗାଁର ନବ ବିଶୋଇ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରି ଗୁରୁତର ଥିବା ପାରେ ବଂଜରାଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଗୁରୁତର ପାରେଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଛି।

## ୨ ଏଲ୍‌ଆଇସି ଅଧିକାରୀଙ୍କ ବିରୋଧରେ ଗିରଫ ପରୱାନା ଜାରି

**ନବରଙ୍ଗପୁର,୧୩।୯(ବି.ପ୍ର.)**

ନବରଙ୍ଗପୁର ଜିଲା ଖାଉଟି ଅଦାଲତ ପକ୍ଷରୁ ଭାରତୀୟ ଜୀବନ ବୀମା ନିଗମ(ଏଲଆଇସି) ନବରଙ୍ଗପୁର ଶାଖାର ଜଣେ ଅଧିକାରୀ ଓ ବ୍ରହ୍ମପୁର ଡିଭିଜନର ସିନିୟର ଡିଭିଜନାଲ ମ୍ୟାନେଜରଙ୍କ ନାମରେ ବୁଧବାର ଗିରଫ ପରୱାନା ଜାରି କରାଯାଇଛି। ଖାଉଟି ଅଦାଲତଙ୍କ ରାୟକୁ ଅବମାନନା କରିଥିବାରୁ ଏହି ଗିରଫ ପରୱାନା ଜାରି କରାଯାଇଛି।

ନବରଙ୍ଗପୁର ମେନ ରୋଡ ନିକଟରେ ରହୁଥିବା ଦେବେନ୍ଦ୍ର ସାହୁ ୭୫ ହଜାର ଟଙ୍କା ସମ ଆସ୍ୟୁଏଡର ଏକ ଏଣ୍ଡୋମେଣ୍ଟ ପଲିସି ୨୦୧୧ ଅଗଷ୍ଟ ୨୭ ତାରିଖରେ କରିଥିଲେ । ପଲିସି ନମ୍ବର ୭୫୩୩୩୦୮୯୫ ରହିଥିଲା । ପ୍ରତି ତିନିମାସରେ ୯୧୯ଟଙ୍କା ପ୍ରିମିୟମ ବାବଦକୁ ଜମା କରୁଥିଲେ । ୨୦୧୫ ଜାନୁୟାରୀରେ ଦେବେନ୍ଦ୍ର କର୍କଟ ରୋଗରେ ଆକ୍ରାନ୍ତ ହୋଇଥିଲେ । ସେହି ବର୍ଷ ଡିସେମ୍ବର ୨୨ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା । ପଲିସିରେ ନୋମିନି (ଉତ୍ତରାଧିକାରୀ) ଭାବେ ତାଙ୍କ ସ୍ତ୍ରୀ ମିନତି ସାହୁ ରହିଥିଲେ । ସ୍ୱାମୀଙ୍କ ମୃତ୍ୟୁ ପରେ ସମସ୍ତ ଆବଶ୍ୟକୀୟ କାଗଜ ପତ୍ର ସହ ନବରଙ୍ଗପୁର ଏଲଆଇସି ଶାଖାରେ ବୀମା ଟଙ୍କା ପାଇଁ ମିନତି ଆବେଦନ କରିଥିଲେ। କର୍ତ୍ତୃପକ୍ଷ ଏଥିପ୍ରତି ଆଦୌ ଗୁରୁତ୍ୱ ଦେଇ ନ ଥିଲେ। ବିଭିନ୍ନ ଆଳ ଦେଖାଇଥିଲେ । ଏନେଇ ମିନତି ଖାଉଟି ଅଦାଲତର ଆଶ୍ରୟ ନେଇଥିଲେ। ଖାଉଟି ଅଦାଲତରେ ୨୦୧୭ ଅକ୍ଟୋବର ୧୭ ତାରିଖରେ ଅଭିଯୋଗ ପରେ ୯୦/୧୭ ଏକ ମାମଲା ରୁଜୁ ହୋଇଥିଲା । ୨୦୧୮ ଏପ୍ରିଲ ୯ ତାରିଖରେ ଖାଉଟି ଅଦାଲତ ଅଧକ୍ଷ ଗୋପାଳ କୃଷ୍ଣ ରଥ, ସଭ୍ୟ ରାମ ଶଙ୍କର ନାୟକ ଓ ସଭ୍ୟା ମିନାକ୍ଷୀ ପାଢୀ ଆବେଦନ କାରୀ ଖାଉଟିଙ୍କୁ ବୀମା ଟଙ୍କା ସମେତ କ୍ଷତିପୂରଣ ବାବଦକୁ ୧୦ ହଜାର ଟଙ୍କା ଓ ମାମଲା ଖର୍ଚ୍ଚ ୫ ହଜାର ଟଙ୍କା ପ୍ରଦାନ କରିବାକୁ ଆଦେଶ ଦେଇଥିଲେ । ଏକ ମାସ ସମୟ ସୀମା ମଧ୍ୟରେ ସମସ୍ତ ଟଙ୍କା ପ୍ରଦାନ ପାଇଁ ନିର୍ଦ୍ଦେଶ ରହିଥିଲା । ସମୟସୀମା ମଧ୍ୟରେ ଟଙ୍କା ନ ଫେରାଇବା ଓ ନିର୍ଦ୍ଦେଶକୁ ଅବମାନନା କରିଥିବା ନେଇ ମିନତି ପୁନଃର୍ବାର ଅଦାଲତଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କଲେ । ଏନେଇ ମାମଲା ନମ୍ବର ୧୨/୨୦୧୮ ରୁଜୁ ହୋଇ ଦୁଇ ପକ୍ଷକୁ ନୋଟିସ ଜାରି କରାଗଲା । ତେବେ ଏଲଆଇସି ପକ୍ଷରୁ କେହି ଉପସ୍ଥିତ ହେଲେ ନାହିଁ। ଅଦାଲତର ଆଦେଶକୁ ଅବମାନନା କରିବା ନେଇ ବୁଧବାର ଅଦାଲତ ପକ୍ଷରୁ ନବରଙ୍ଗପୁର ଶଖାର ମ୍ୟାନେଜର ଅକ୍ଷୟ ବେହେରା ଓ ବ୍ରହ୍ମପୁର ମଣ୍ଡଳ ସିନିୟର ଡିଭିଜନାଲ ମ୍ୟାନେଜର ଶଙ୍କର ପ୍ରସାଦ ପରିଛାଙ୍କ ନାମରେ ଗିରଫ ପରୱାନା ଜାରି କରାଯାଇଛି । ଆଇନଜୀବୀ ରାମ ପ୍ରସାଦ ପାତ୍ର ମାମଲା ପରିଚାଳନା କରୁଥିଲେ ।

### ଖାଉଟି ଅଦାଲତ ଆଦେଶକୁ ଅବମାନନା

## ଆଜି ନୂଆଖାଇ, ଚଳଚଞ୍ଚଳ ଚନ୍ଦାହାଣ୍ଡି

**ଚନ୍ଦାହାଣ୍ଡି,୧୩।୯(ଡି.ଏନ.ଏ)**

ଆଜି ନୂଆଖାଇ। ଘରର ସମସ୍ତେ ମିଶି କରେଇ ପତ୍ରରେ ନୂଆ ଖାଇବେ। ନିଜ ଇଷ୍ଟ ଦେବୀଙ୍କୁ ନୂଆ ଅନ୍ନ ସମର୍ପଣ ପରେ ନୂଆଖାଇ ସମସ୍ତ ଜୁହାର ଭେଟ ଦେବେ। ଏଥିପାଇଁ ଚଳଚଞ୍ଚଳ ହୋଇ ଉଠିଛି ଚନ୍ଦାହାଣ୍ଡି ବ୍ଲକ। ନୂଆଖାଇ ପର୍ବ ପାଇଁ ଛୋଟ ଠାରୁ ବଡ ପର୍ଯ୍ୟନ୍ତ ସମସ୍ତ ମନରେ ଉତ୍ସାହ ଭରି ରହିଛି। ଚଳିତ ବର୍ଷ ଡଙ୍ଗର ଧାନ ଚାଷ କମ କରାଯାଇଥିବାରୁ ଲୋକେ ବିଭିନ୍ନ ଗ୍ରାମରୁ ନୂଆ ଧାନ ସଂଗ୍ରହ କରିଛନ୍ତି। ଜଙ୍ଗଲରୁ କୁରେଇ ପତ୍ର ମଧ୍ୟ ସଂଗ୍ରହ ହୋଇଛି। ଚନ୍ଦାହାଣ୍ଡି ବଜାର ପ୍ରବଳ ଭିଡ ଦେଖିବାକୁ ମିଳୁଛି। ମାଟି ତିଆରି ହାଣ୍ଡିରେ ନୂଆ ଅନ୍ନ ତିଆରି ହେବ। ଘରେ ପିଠାପଣା ଏବଂ ଭିନ୍ନ ଭିନ୍ନ ମିଷ୍ଟାନ୍ନ ହେବ। ନୂଆଖାଇ ପରେ ସମସ୍ତେ ସମସ୍ତଙ୍କ ସୁଖ ସମୃଦ୍ଧି କାମନା କରିବେ।

## ବିଦ୍ୟୁତ୍ ଆର୍ଥିଂ ତାରରେ ଲାଗି ବାଳକ ମୃତ

**ଡାବୁଗାଁ, ୧୩।୯ (ଡି.ଏନ.ଏ.)**

ଡାବୁଗାଁ ବ୍ଲକର ଅଞ୍ଚଳା ପଞ୍ଚାୟତ ଅଧୀନ ଚିଚିବାଇ ଗ୍ରାମରେ ବିଦ୍ୟୁତ ଆର୍ଥିଂ ତାରରେ ଲାଗି ଜଣେ ବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନରସିଂ ଭତ୍ରାଙ୍କ ପୁଅ ନର ଭତ୍ରା (୮)। ବୁଧବାର ସନ୍ଧ୍ୟାରେ ନର ନିଜ ଘର ପାଖରେ ପିଲାମାନଙ୍କ ସହ ମିଶି ଖେଳୁଥିଲେ। ଯୁଗୋଳ କିଶୋର ଗୁପ୍ତାଙ୍କ ଦୋକାନ ପଛପଟେ ବିଦ୍ୟୁତ ପାଇଁ ଏକ ଲୁହା ପାଇପ ପୋତାଯାଇ ବିଦ୍ୟୁତ ତାର ସଂଯୋଗ କରି ଆର୍ଥିଂ କରାଯାଇଥିଲା। ନର ସେପଟେ ଦୌଡି ଯିବାବେଳେ ତାଙ୍କ ଡାହାଣ ଗୋଡ ଆର୍ଥିଂରେ ବାଜି ଯାଇଥିଲା। ବିଦ୍ୟୁତ ସଂସ୍ପର୍ଶରେ ଆସିବାରୁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ନରସିଂ ଭତ୍ରା ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଡାବୁଗାଁ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ।



ପାରଳାଖେମୁଣ୍ଡି ବଜାର ଛକ।



ପାରଳାଖେମୁଣ୍ଡି ତେଲୁଗୁ ମେଦ୍ରିସାହି



ପାରଳାଖେମୁଣ୍ଡି ଓଡ଼ିଆ ଭଣ୍ଡାରିସାହି ଷ୍ଟ୍ରିଟ୍



ପାରଳାଖେମୁଣ୍ଡି କଲେଜଛକ



ପାରଳାଖେମୁଣ୍ଡି ଜଙ୍ଗମ ସାହି



ପାରଳାଖେମୁଣ୍ଡି ଭଗତିସାହି



ପାରଳାଖେମୁଣ୍ଡି କବିଟିସାହି ଷ୍ଟ୍ରିଟ୍



ଗୁମ୍ମା

# ମନ ମୋହୁଛି ପନିପରିବାରେ ତିଆରି ଗଣେଶ ମୂର୍ତ୍ତି

**ପାରଳାଖେମୁଣ୍ଡି, ୧୩।୯(ସ୍ୱ.ପ୍ର.)**

ଗଜପତି ଜିଲା ପାରଳାଖେମୁଣ୍ଡି ସହରସ୍ଥ ଦୈନିକ ପରିବା ବଜାର ସଂଘ ପକ୍ଷରୁ ବିଭିନ୍ନ ପନିପରିବାରେ ଗଣେଶ ମୂର୍ତ୍ତି ନିର୍ମାଣ କରାଯାଇଛି। ଏହା ବେଶ ଆକର୍ଷଣୀୟ ହୋଇଛି। ମୂର୍ତ୍ତିରେ ଝୁଡଙ୍ଗ, କଲରା, ଭେଣ୍ଡି, କଖାରୁ, ତରଭୁଜ, କଞ୍ଚାଲଙ୍କା, ପୋଇପତ୍ର, ସାରୁ, ଲାଉ, ବାଇଗଣ ଇତ୍ୟାଦି ବ୍ୟବହାର କରାଯାଇଛି। ସେହିପରି ତେଲୁଗୁ ମେଦ୍ରିସାହି (ଗଡିଗଳି ସାହି)ରେ କଂସା ପିତଳ ସାମଗ୍ରୀରେ ଗଣେଶ ମୂର୍ତ୍ତି ନିର୍ମାଣ ହୋଇଛି। ଏହି ସାମଗ୍ରୀ ଉପରେ ରଙ୍ଗ ଲେପନ କରାଯାଇ ଏହାକୁ ସୁନ୍ଦର ଭାବେ ସଜାଯାଇଛି। ମୂର୍ତ୍ତି ଓ ସାଜସଜ୍ଜା ଦେଖିବା ପାଇଁ ମଣ୍ଡପ ନିକଟରେ ଲୋକଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଛି ।



ଗୁମ୍ମା



ଗୁମ୍ମା



ପାରଳାଖେମୁଣ୍ଡି ଶିଶୁମନ୍ଦିର

# ସବୁଠି ଗଣପତିଙ୍କ ଆବାହନ

**ପାରଳାଖେମୁଣ୍ଡି/ ଗୁମ୍ମା, ରାୟଗଡ଼/ କାଶୀନଗର, ୧୩।୯ (ସ୍ୱ.ପ୍ର./ଡି.ଏନ.ଏ)**

ଗଜପତି ଜିଲାର ବିଭିନ୍ନ ସ୍ଥାନରେ ଗୁରୁବାର ବିଦ୍ୟାଦାତା ଗଣପତିଙ୍କ ଆବାହନ କରାଯାଇଛି। ପାରଳାଖେମୁଣ୍ଡିସ୍ଥିତ ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ଆଦି ବିଭିନ୍ନ ଶିକ୍ଷାନୁଷ୍ଠାନ ସମେତ ଶିଙ୍କିସାହି, ମାଟିଆ ସାହି, କେଉଟ ସାହି, ଖଞ୍ଜା ସାହି, କରଣ ସାହି ଛକ, ଭୋଇ ସାହି ପ୍ରଭୃତି ସ୍ଥାନରେ ଗଣେଶ ପୂଜା ପାଳନ କରାଯାଇଛି । ସନ୍ଧ୍ୟାରେ କେତେକ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଗୁମ୍ମା ବ୍ଲକର କେ.ସି.ପୁର ଉଚ୍ଚତ୍ତୋର ବିଦ୍ୟାଳୟରେ ବରିଷ୍ଠ ଶିକ୍ଷକ ପ୍ରଫୁଲ୍ଲ ପଣ୍ଡା ଓ ଡାଙ୍ଗୋସିଂ ସ୍କୁଲରେ ପ୍ରଧାନ ଶିକ୍ଷକ ନରସିଂହ ପୁରୋହିତଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା ହୋଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଗୁମ୍ମା ତଳ ସାହି, ବସଷ୍ଟାଣ୍ଡ ଛକ, ସେରଙ୍ଗ ଓଡ଼ିଆ ସାହି, ଗାଇବା, ନାମନଗଡ଼, ପାଞ୍ଚମାଇଲ ଛକ, ଗୁମ୍ମା ଉଚ୍ଚ ବିଦ୍ୟାଳୟ, ବଡକଲାକୋଟ, ଅନୁକୁଣ୍ଡାଗୁଡ଼ା ଓ ଭୁବୁନି ଆଶ୍ରମ ସ୍କୁଲ, ବିନୋଦିନୀ କନିଷ୍ଠ ମହାବିଦ୍ୟାଳୟ ଆଦି ଶିକ୍ଷାନୁଷ୍ଠାନଗୁଡ଼ିକରେ ମଧ୍ୟ ଗଣେଶ ପୂଜା ପାଳନ ହୋଇଛି। ସେହିପରି ଗୋଷାଣି, ରାୟଗଡ ଓ କାଶୀନଗର ବ୍ଲକର ବିଭିନ୍ନ ସ୍ଥାନରେ ମଧ୍ୟ ଗଣେଶ ପୂଜା କରାଯାଇଛି।

## କ୍ଷେତ୍ର ପରିଦର୍ଶନ ନାଁରେ ମନଇଚ୍ଛା ବୁଲିବା ଘଟଣା

# ଛୁଟି ଦିନରେ ଅଫିସ ଆସିଲେ ୨ ଅଧିକାରୀ

**ରାୟଗଡ (ଗଜପତି), ୧୩।୯(ଡି.ଏନ.ଏ.)**

ଗଜପତି ଜିଲାର ରାୟଗଡ ବିଡିଓ ଏବଂ ସହକାରୀ ଯନ୍ତ୍ରୀ କ୍ଷେତ୍ର ପରିଦର୍ଶନ ନାଁରେ ମନଇଚ୍ଛା ବୁଲୁଥିବା ବ୍ଲକ ଅଧ୍ୟକ୍ଷ ଧନେଶ୍ୱର ଭୂୟାଁ ବୁଧବାର ଅଭିଯୋଗ ଆଣିଥିଲେ। ଦୁହିଁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେଲେ ବ୍ଲକ ଅଫିସ୍‌ରେ ତାଲା ପକାଯିବ ବୋଲି ମଧ୍ୟ ଚେତାବନୀ ଦେଇଥିଲେ। ଏହି ଘଟଣା ପରେ ଗୁରୁବାର ଏଠାରେ ଏହି ଅଧିକାରୀ ଦ୍ୱୟଙ୍କୁ ଦେଖିବାକୁ ମିଳିଛି। ଗଣେଶ ପୂଜା ପାଇଁ ଛୁଟି ଥିଲେ ବି ଦୁହେଁ ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ଏହାଦ୍ୱାରା ସେମାନେ ନିଜ ଉପସ୍ଥିତି ସମ୍ପର୍କରେ ପରୋକ୍ଷ ସୂଚନା ଦେଇଥିବା ସାଧାରଣରେ ଚର୍ଚ୍ଚା ଚାଲିଛି। ଏ ନେଇ ବିଡିଓ ନୃସିଂହ ଚରଣ ସେଠୀ ଓ ସହକାରୀ ଯନ୍ତ୍ରୀ ଦିଲୀପ ସାହୁଙ୍କୁ ଫୋନ୍ କରାଯାଇଥିଲେ ମଧ୍ୟ କେହି ମୋବାଇଲ ଉଠାଇ ନ ଥିଲେ। ଫଳରେ ସେମାନଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଇଭିଏମ୍ ଯାଞ୍ଚ ପରେ ମକ୍ ପୋଲ୍

**ପାରଳାଖେମୁଣ୍ଡି, ୧୩।୯(ସ୍ୱ.ପ୍ର.)**

ଗଜପତି ଜିଲା ପାରଳାଖେମୁଣ୍ଡି ନିୟନ୍ତ୍ରିତ ବଜାର କମିଟି ପରିସରସ୍ଥ ଷ୍ଟ୍ରଙ୍ଗରୁମ୍‌ରେ ପ୍ରଥମ ପର୍ଯ୍ୟାୟ ଇଭିଏମ୍ ଯାଞ୍ଚ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି ଷ୍ଟ୍ରଙ୍ଗରୁମ୍‌ରେ ମୋଟ ୨୬୨୦ଟି ବ୍ୟାଲେଟ ୟୁନିଟ୍ ଏବଂ କଣ୍ଟ୍ରୋଲ ୟୁନିଟ ରଖାଯାଇଛି। ଜିଲାପାଳ ଅନୁପମ ଶାହା ଓ ବହୁ ବରିଷ୍ଠ ଅଧିକାରୀଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ଉପସ୍ଥିତିରେ କଡା ସୁରକ୍ଷା ବଳୟ ମଧ୍ୟରେ ଯାଞ୍ଚ ଚାଲିଛି। ୧୩ଟି ସେଟ୍‌ରେ ୨୬ଟି ୟୁନିଟ କରାଯାଇ ଯାଞ୍ଚ ହେଉଛି। ହାଇଦ୍ରାବାଦର ଏକ କମ୍ପାନୀରୁ ଯନ୍ତ୍ରୀ ବିଶାଳ ସିଂଙ୍କ ନେତୃତ୍ୱରେ ୫ଜଣିଆ ଟିମ୍ ଆସି ପ୍ରତି ଇଭିଏମ୍‌କୁ ପ୍ରଶାସନିକ ଅଧିକାରୀ ଏବଂ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ଉପସ୍ଥିତିରେ ଯାଞ୍ଚ କରୁଛନ୍ତି। ଆସନ୍ତା ୨୯ତାରିଖ ପର୍ଯ୍ୟନ୍ତ ୧୬ଦିନ ଧରି ଏଭଳି ଯାଞ୍ଚ ଚାଲିବ ବୋଲି ସୂଚନା ଦିଆଯାଇଛି। ପୂର୍ବରୁ ଇଭିଏମ୍‌ଗୁଡିକରେ ଯେତେ ସବୁ ଡାଟା ରହିଥିଲା ସେସବୁକୁ ସମସ୍ତଙ୍କ ଉପସ୍ଥିତିରେ ଡିଲିଟ୍ କରାଯିବା ସହ ବ୍ୟାଲେଟ ୟୁନିଟର ସମସ୍ତ ୧୬ଟି ବଟନ୍ ଠିକ୍ ଭାବେ କାମ କରୁଛି କି ନାହିଁ ତାହା ଯାଞ୍ଚ ହେଉଛି। ପୂର୍ବରୁ ଏଥିରେ ରହିଥିବା ବିଭିନ୍ନ ସିଲ୍‌କୁ ମଧ୍ୟ ସଫା କରାଯାଉଛି। ସମସ୍ତ ଯାଞ୍ଚ ପ୍ରକ୍ରିୟା ସରିବା ପରେ ସେହି ମେଶିନଗୁଡିକୁ ପୁନର୍ବାର ସିଲ୍ କରି ରଖାଯିବ ବୋଲି ଜଣାପଡ଼ିଛି। ଯାଞ୍ଚ ପ୍ରକ୍ରିୟା ସରିବା ପରେ ପ୍ରଶାସନିକ ଅଧିକାରୀମାନେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ଉପସ୍ଥିତିରେ ମକ୍ ପୋଲ୍ କରିବାର କାର୍ଯ୍ୟକ୍ରମ ରହିଛି। ପର୍ଯ୍ୟାୟ କ୍ରମେ ଭୋଟିଂ କରାଯାଇ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ଉପସ୍ଥିତିରେ ଫଳାଫଳ ବାହାର କରାଯାଇ ଦେଖାଇ ଦିଆଯିବ। ଏହି ଅବସରରେ ଜିଲା ଆରକ୍ଷୀ ଅଧୀକ୍ଷକ ଅମୂଲ୍ୟ କୁମାର ଦାସ, ଅତିରିକ୍ତ ଜିଲାପାଳ ବିରେନ୍ଦ୍ର କର୍କରା, ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ, ନିର୍ବାଚନ ଅଧିକାରୀ ଅଚ୍ୟୁତାନନ୍ଦ ଜାନୀ, ପାରଳାଖେମୁଣ୍ଡି ତହସିଲଦାର କେଦାର ନାଥ ଭୋଇ ଏବଂ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

CLASSIFIED DISPLAY













MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168
5% GST Applicable



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ।
ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ

# ସବୁଠି ଗଜାନନଙ୍କୁ ଆବାହନ


ରାମନାଗୁଡ଼ା


ରାୟଗଡ଼ା ଇନ୍ଦିରା ନଗରରେ ନିର୍ମିତ ମେଢ଼


ରାୟଗଡ଼ା ଟେଲିଫୋନ ଏକ୍ସଚେଞ୍ଜ କାର୍ଯ୍ୟାଳୟରେ ନିର୍ମିତ ତୋରଣ


ଗୁଣପୁର ଜେଲପେଟା ସୁଇପର କଲୋନୀ


କରଣ ଷ୍ଟ୍ରିଟ୍ ପୂଜା କମିଟି


ଗୁଣପୁର ଗାନ୍ଧୀନଗର ପୂଜା କମିଟି


ଗୁଣପୁର ଗାନ୍ଧୀନଗର


ଗୁଣପୁର ଗ୍ରାମଦେବୀ ପୂଜା କମିଟି

**ରାୟଗଡା ଅଫିସ/ ମୁନିଗୁଡ଼ା/ ରାମନାଗୁଡ଼ା/ ଗୁଡ଼ାରୀ/ଟିକିରି ,୧୩।୯(ଡ଼ି.ଏନ.ଏ)**

ରାୟଗଡାର ବିଭିନ୍ନ ସ୍ଥାନରେ ବିଘ୍ନ ବିନାଶନଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ସହରର ବ୍ରାହ୍ମଣ ସାହି, କରଣ ସାହି, ଟ୍ରକ ଷ୍ଟାଣ୍ଡ, ପିଟରା ସାହି, ରାମକୃଷ୍ଣ ନଗର, ରୟତ କଲୋନୀ, ରାଣୀଗୁଡା ଫାର୍ମ, ଗୌତମ ନଗର, ଇନ୍ଦିରା ନଗର, ନେହେରୁ ନଗର, ଷ୍ଟେଶନ ରୋଡ ଆଦି କଲୋନୀରେ ଆକର୍ଷଣୀୟ ପୂଜା ଅନୁଷ୍ଠିତ ହୋଇଛି। ସହର ସମେତ ଜିଲାସ୍ଥିତ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ ସହ ବିଭିନ୍ନ ବ୍ୟବସାୟୀକ ଅନୁଷ୍ଠାନରେ ଗଣେଶ ପୂଜା ପାଳିତ ହୋଇଛି। ଇନ୍ଦିରା ନଗରର ଚାଲେଞ୍ଜର୍ସ ୟୁଥ୍ ଆସୋସିଏଶନ ପୂଜା କମିଟି ଏବଂ ଟେଲିଫୋନ ଏକ୍ସଚେଞ୍ଜ ନିକଟ ପୂଜା ମଣ୍ଡପକୁ ରଙ୍ଗ ବେରଙ୍ଗ ଆଲୋକମାଳାରେ ସଜ୍ଜିତ କରାଯାଇଛି। ସେହିପରି ମୁନିଗୁଡ଼ାର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଗଣେଶ ପୂଜା ଅନୁଷ୍ଠିତ ହୋଇଛି। ମୁନିଗୁଡ଼ା ବିଜୁ ପଟ୍ଟନାୟକ ଯୁବ ସଂସଦ, ବୀର ବିକ୍ରମ ପୂଜା ଗୌଡ଼ସାହି, ଫ୍ରେଣ୍ଡସ ବ୍ଲକ ପୂଜା ମଣ୍ଡପ ଅଧିକ ଆକର୍ଷଣ ହୋଇଛି। ଏଠାରେ ୧୦ରୁ ୧୫ ଫୁଟ ଉଚ୍ଚ ମୂର୍ତ୍ତି ସହ ସୁସଜ୍ଜିତ ମଣ୍ଡପ ସଜାକୁ ଦେଖିବାକୁ ଲୋକଙ୍କ ଭିଡ଼ ଜମୁଛି। ମୁନିଖୋଲ, ଖମଣସାହି, ଗୋବର୍ଦ୍ଧନ ଇନ୍ଦିରାପଡ଼ା,ଟିକରପଡ଼ା ଆଦି ସ୍ଥାନରେ ୬୦ରୁ ଊର୍ଦ୍ଧ୍ୱ ଗଣେଶ ମୂର୍ତ୍ତି ପୂଜା ପାଉଛନ୍ତି। ସେହିପରି ରାମନାଗୁଡ଼ାର ବିଭିନ୍ନ ସ୍ଥାନରେ ଗଣେଶ ପୂଜା ଅନୁଷ୍ଠିତ ହୋଇଛି। ଖିଲାପଦରଠାରେ ୧୨ ଫୁଟ ୮ ଇଞ୍ଚର ଏକ ମୂର୍ତ୍ତି ପୂଜା ପାଉଛି। ଗୁଡାରୀ ସହରର ବିଭିନ୍ନ ସ୍ଥାନରେ ଗଣେଶ ପୂଜା ଧୁମ୍‌ଧାମ୍‌ରେ ପାଳିତ ହୋଇଛି। ସହରର ସମସ୍ତ ଶିକ୍ଷାନୁଷ୍ଠାନରେ ଗଜାନନଙ୍କ ଆବାହନ କରାଯାଇଥିଲା। ସହରର ବିଭିନ୍ନ ସାହିରେ ଗଣେଶ ମେଢ଼ ସହ ରଙ୍ଗବେରଙ୍ଗର ଆଲୋକମାଳାରେ ସଜ୍ଜିତ କରାଯାଇଛି। ଟିକିରି ବ୍ଲକର ବିଭିନ୍ନ ସ୍ଥାନରେ ଗଣେଶ ପୂଜା ପାଳିତ ହୋଇଛି। ଟିକିରି ମେନ୍ ରୋଡରେ ହୋଇଥିବା ପୂଜାକୁ ଗଙ୍ଗାଧର ସାହୁ, ଲକ୍ଷ୍ମୀଧର ସାହୁ, ଅନିଲ ଗୌଡ, ପପୁ ପାଣିଗ୍ରାହୀ, ଶେଖର ରାଓ, କେ.ମୁରଲି ରାଓ, ଚୌଧୁରୀ ବାବୁ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ଟିକିରି ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଅଭିମନ୍ୟୁ ସାହୁଙ୍କ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ କରାଯାଇଛି। ଆଦିତ୍ୟ ବିର୍ଲା ପବ୍ଲିକ ସ୍କୁଲରେ ପ୍ରିନ୍ସିପାଲ ଲକ୍ଷ୍ମୀ ନାରାୟଣ ଦାସଙ୍କ ତତ୍ତ୍ୱାବଧାନରେ ଗଣେଶ ପୂଜା କରାଯାଇଛି।


କାର୍ତ୍ତିକ ଷ୍ଟ୍ରିଟ୍


ଓଡ଼ିଆ ସାହି


ଗୁଣପୁର ବାକିଟି ଷ୍ଟ୍ରିଟ୍


ଗୁଡାରୀ


ଟିକିରି


ରାୟଗଡ଼ା ଇନ୍ଦିରାନଗର


ମୁନିଗୁଡା

## ‘ନକଲି କର୍ମୀଙ୍କୁ ଚିହ୍ନି ସତର୍କ ରୁହନ୍ତୁ’

**ରାୟଗଡା ଅଫିସ, ୧୩।୯**

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ରାୟଗଡା ଶାଖା ପକ୍ଷରୁ ବୁଧବାର ଗଣମାଧ୍ୟମକୁ ଏକ ପ୍ରେସ ବିବୃତ୍ତି ଦିଆଯାଇଛି। କିଛି ଅସାମାଜିକ ବ୍ୟକ୍ତି ଆର୍‌ଏସ୍‌ଏସ୍ ସଂଘ ନାଁରେ ଚାନ୍ଦା ଆଦାୟ କରିବା ସହ ଲୋକଙ୍କୁ ଧମକ ଦେଇ ଭୟଭୀତ କରାଉଛନ୍ତି। ଏହା ସଂଘର ବିଚାର ବିରୋଧୀ ବୋଲି ନଗର ସଂଘ ଚାଳକ ପ୍ରମୋଦ ମହାନ୍ତି ସୂଚନା ଦେଇଛନ୍ତି। ଆର୍‌ଏସ୍‌ଏସ୍ ଏକ ସାଂସ୍କୃତିକ, ସାମାଜିକ ଏବଂ ସେବା ସଙ୍ଗଠନ, ଏଭଳି ଅସାମାଜିକ କାର୍ଯ୍ୟକୁ ସଂଘ କେବେବି ପ୍ରଶୟ ଦିଏ ନାହିଁ। ଯଦି କିଏ ସଂଘର ନାଁ ନେଇ ବିଭ୍ରାନ୍ତ କରନ୍ତି ତାହା ସମ୍ପୂର୍ଣ୍ଣ ବ୍ୟକ୍ତିଗତ ବୋଲି କୁହାଯାଇଛି। ଏଭଳି ବ୍ୟକ୍ତିମାନଙ୍କୁ ଚିହ୍ନି ସତର୍କ ରହିବାକୁ ସଂଘ ପକ୍ଷରୁ କୁହାଯାଇଛି।

## ଦୁଇ ବାଇକ୍ ମୁହାମୁହିଁ ଧକ୍କା, ୧ ଗୁରୁତର

**ଟିକିରି, ୧୩।୯ (ଡି.ଏନ୍.ଏ.)**

କାଶିପୁର ବ୍ଲକ ଟିକିରି ପଞ୍ଚାୟତ ଧୁଟିକର ଆଶ୍ରମ ସ୍କୁଲ ପାଖରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ସ୍ଥାନୀୟ କୋରାପୁଟ ସାହିର ପ୍ରକାଶ ମଣ୍ଡଳ ଓ ମହୁଲକଣା ଗ୍ରାମର ପିଙ୍କୁ ନାଏକ। ସେମାନଙ୍କୁ ଟିକିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

### ଗୁଣପୁର-ନୌପଡା ରେଳପଥ ହେବ ବିଦ୍ୟୁତୀକରଣ

## ୮୯.୮୨ କୋଟି ଟଙ୍କା ମଞ୍ଜୁର

**ଗୁଣପୁର,୧୩।୯(ଡି.ଏନ.ଏ)**

ଗୁଣପୁର-ନୌପଡା ରେଳପଥ ବିଦ୍ୟୁତୀକରଣ ହେବ। ଏହି ୯୦ କିମି ରାସ୍ତା ପାଇଁ ୮୯.୮୨ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ପ୍ରସ୍ତାବକୁ କେନ୍ଦ୍ର ସରକାରଙ୍କ କ୍ୟାବିନେଟ ମଞ୍ଜୁରୀ ମିଳିଥିବା ଜଣାପଡିଛି। ପ୍ରଥମେ ଏହି ରେଳପଥକୁ ବ୍ରଡଗେଜରେ ପରିବର୍ତ୍ତନ। ତା ପରେ ଗୁଣପୁର-ପୁରୀ,ପୁରୀ-ଗୁଣପୁର, ଗୁଣପୁର-ପଲାସା, ପଲାସା-ଗୁଣପୁର, ଗୁଣପୁର-ବିଶାଖାପାଟଣା ଏବଂ ବିଶାଖାପାଟଣା-ଗୁଣପୁର ଟ୍ରେନ ଚଳାଚଳ କରୁଛି। ୨୦୧୭ ମାର୍ଚ୍ଚ ୨୦ରେ ରାଉରକେଲା -ଭୁବନେଶ୍ୱର ରାଜ୍ୟରାଣୀ ଏକ୍ସପ୍ରେସ ଗୁଣପୁର ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଥିଲା। ଗୁଣପୁର-ନୌପଡା ରେଳପଥରେ ଗୋଟିଏ ପରେ ଗୋଟିଏ ଉନ୍ନୟନ କାର୍ଯ୍ୟ ହେବାସହ ବର୍ତ୍ତମାନ ୪ ଯୋଡା ଟ୍ରେନ ଚଳାଚଳ କରିଛି। ରାଜ୍ୟରାଣୀ ବର୍ତ୍ତମାନ ସପ୍ତାହରେ ୩ ଦିନ ଚଳାଚଳ କରୁଥିବାବେଳେ ଏହା ୬ ଦିନ ଚାଳଚଳ କରିବ ବୋଲି ମଞ୍ଜୁରୀପାଇଛି। ସେହିପରି ଗୁଣପୁର ଥେରୁବାଲିକୁ ରେଳ ସଂଯୋଗ ନେଇ ୨୦୧୭-୧୮ ସାଧାରଣ ବଜେଟରେ ଘୋଷଣା ହୋଇଥିଲା। ଗୁଣପୁର-ଥେରୁବାଲି ୭୯.୧୫ କିମି ରାସ୍ତା ପାଇଁ ୯୩୫.୭୨ କୋଟି ଟଙ୍କା ବ୍ୟୟ ଅଟକଳ ରହିଛି। ଏପରିସ୍ଥିତିରେ ବର୍ତ୍ତମାନ ଗୁଣପୁର-ନୌପଡା ରେଳପଥ ମଧ୍ୟରେ ବିଦ୍ୟୁତୀକରଣ କାର୍ଯ୍ୟ ନେଇ କ୍ୟାବିନେଟରେ ନିଷ୍ପତ୍ତି ହୋଇଛି। ଗୋଟିଏ ପରେ ଗୋଟିଏ ରେଳପଥର ବିକାଶ ନେଇ କାର୍ଯ୍ୟ ଆରମ୍ଭ ହୋଇଥିବାରୁ ଜନସାଧାରଣ ଏବଂ ବିଭିନ୍ନ ସଂଗଠନ ପକ୍ଷରୁ ରେଳ ବିଭାଗ ଏବଂ କେନ୍ଦ୍ର ସରକାରଙ୍କୁ କୃତଜ୍ଞତା ପ୍ରଦାନ କରାଯାଇଛି।

## ଭୋଟର ପଞ୍ଜୀକରଣ ନିମନ୍ତେ କର୍ମଶାଳା

**ରାୟଗଡ଼ା ଅଫିସ୍, ୧୩।୯**

ଭୋଟର ତାଲିକା ସଂଶୋଧନ ସମୟରେ ଦିବ୍ୟାଙ୍ଗ ଓ ତୃତୀୟ ଲିଙ୍ଗ ଭୋଟରଙ୍କ ନାମ ଶତ ପ୍ରତିଶତ ପଞ୍ଜୀକରଣ ନିମନ୍ତେ ରାୟଗଡ଼ା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପ ଜିଲାପାଳ ପ୍ରବୀର କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। କର୍ମଶାଳାରେ ରାୟଗଡ଼ା ବିଜେଡି ବ୍ଲକ ସଭାପତି ନିଷ୍ଟୁ ମାଣ୍ଡାଙ୍ଗି, ପ୍ରଫୁଲ କୁମାର ଚୌଧୁରୀ, କେ. ରୋହିତ କୁମାର, ଦୁର୍ଯ ଗାଣ୍ଟା, ପ୍ରସନ୍ନ ପୂଜାରୀ, ବ୍ଲକ ଅଧ୍ୟକ୍ଷ ପେଜେଣ୍ଟି ରାମୁଲୁ, ଉପାଧ୍ୟକ୍ଷ ମିନତୀ ବାଚେରି, ଅମରେନ୍ଦ୍ର ନାଥ ଉପସ୍ଥିତ ଥିଲେ। ରାୟଗଡ଼ା ବ୍ଲକରେ ମୋଟ ୯୧୪ ଜଣ ଦିବ୍ୟାଙ୍ଗ ଭୋଟରଙ୍କୁ ଚିହ୍ନଟ କରାଯାଇଥିବା ସାମାଜିକ ସୁରକ୍ଷା ଅଧିକାରୀ ପ୍ରକାଶ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ ଚିହ୍ନଟ ହୋଇଥିବା ଦିବ୍ୟାଙ୍ଗଙ୍କ ନିମନ୍ତେ ର‌୍ୟାମ୍ପ ସମେତ ଆବଶ୍ୟକ ନ୍ୟୁନତମ ସୁବିଧା ପ୍ରତି ବୁଥ୍‌ରେ ବିଜୁଳି, ପାନୀୟଜଳ, ରାସ୍ତା, କୋଠରି ସ୍ଥିତି ବିଷୟରେ ସମୀକ୍ଷା କରିଥିଲେ। ସମସ୍ତ ୧୧୨ ଜଣ ବୁଥ୍ ସ୍ତରୀୟ ଓ ୧୧ ଜଣ ସୁପରଭାଇଜରଙ୍କୁ ନେଇ ବୁଥ୍ ସ୍ତରରେ ଥିବା ନ୍ୟୁନତମ ସୁବିଧା ବିଷୟରେ ସମୀକ୍ଷା କରିଥିଲେ।